୩ ମୃତଦେହ ସହ ସେଲଫି

ଜୟପୁର,୧୧|୭/ଏଜେନ୍ସି: ରାଜସ୍ଥାନ ବାରମେର ଜିଲ୍ଲାରେ ୩ ଜଣ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ। ସେମାନେ ସାହାଯ୍ୟ ପାଇଁ ନେହୁରା ହେଉଥିଲେ ହେଁ ଜଣେ ବ୍ୟକ୍ତି ଏହାକୁ ଅଣଦେଖା କରି ସେଲଫି ନେବାରେ ଲାଗିଥିଲେ। ଶେଷରେ ୩ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ବ୍ୟକ୍ତି ଜଣଙ୍କ ଏହାର ଭିଡିଓ ତିଆରି କରିବା ସହ ପୁଣିଥରେ ସେଲଫି ନେଇଥିଲେ। ଏହି ୩ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଯାଉଥିବା ବେଳେ ସ୍କୁଲବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏମାନେ ରାସ୍ତା ଉପରେ ପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ସାହାଯ୍ୟ ପାଇଁ ନେହୁରା ହୋଇଥିଲେ।

■ ଆଫଗାନିସ୍ତାନରେ ଆତଙ୍କୀ ହମ୍‌ଲା, ୧୦ ମୃତ

କାବୁଲ,୧୧|୭/ଏଜେନ୍ସି: ଆଫଗାନିସ୍ତାନର ଜାଲାଲବାଦ ସହରରେ ଥିବା ଶିକ୍ଷା ବିଭାଗ ଅଫିସରେ ଆଜି ସକାଳେ ଆତଙ୍କବାଦୀମାନେ ଜୋରଦାର ହମ୍‌ଲା କରିଛନ୍ତି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି। ଆଜି ସକାଳେ ଅଫିସରେ ଲୋକମାନେ ଥିବା ବେଳେ ହଠାତ୍ କିଛି ଆତଙ୍କବାଦୀ ଏହା ମଧ୍ୟରେ ପ୍ରବେଶ କରିଥିଲେ। କେହି କିଛି ବୁଝିବା ଆଗରୁ ସେମାନେ ୨ଟି ବିସ୍ଫୋରଣ କରିବା ପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ସୁରକ୍ଷାକର୍ମୀ ପହଞ୍ଚି ପ୍ରଥମେ ଲୋକଙ୍କୁ ସୁରକ୍ଷିତ ଭାବେ ଅଫିସର ମଧ୍ୟରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ସମୟଧରି ଗୁଳି ବିନିମୟ ପରେ ଆତଙ୍କବାଦୀମାନେ ସେଠାରୁ ଖସି ଚାଲି ଯାଇଥିବା ଜଣାପଡ଼ିଛି।

■ ମଣିପୁରରେ ବର୍ଷା ପରେ ଭୂସ୍ଖଳନ: ୯ ମୃତ

ଇମ୍ଫାଲ,୧୧|୭/ଏଜେନ୍ସି: ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାରେ ୩ଟି ସ୍ଥାନରେ ଆଜି ପ୍ରବଳ ବର୍ଷା ପରେ ଭୂସ୍ଖଳନ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଭୂସ୍ଖଳନ ଯୋଗୁ ୮ ଜଣ ଶିଶୁ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏବେ ବି ମାଟି ତଳେ ୨ ଜଣ ଶିଶୁ ଫସି ରହିଥିବା ଉଦ୍ଧାରକାରୀ ଦଳ କହିଛନ୍ତି। ତେଣୁ ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ମଙ୍ଗଳବାର ରାତି ୨ରୁ ୩ଟା ମଧ୍ୟରେ ତାମେଙ୍ଗଲଙ୍ଗ ଜିଲ୍ଲାର ନ୍ୟୁ ସାଲେମ୍, ନେଇଗାଇଲଙ୍ଗ ଓ ରାମଗାଇଲଙ୍ଗରେ ଭୂସ୍ଖଳନ ହୋଇଥିଲା। ତା' ପୂର୍ବରୁ ୩ରୁ ୪ ଘଣ୍ଟା ଧରି ବର୍ଷା ହୋଇଥିଲା। ଭୂସ୍ଖଳନ ଯୋଗୁ ବିଭିନ୍ନ ସ୍ଥାନରେ ଘର ଭୁଶୁଡ଼ି ପଡ଼ିଥିଲା। ଫଳରେ ଏଠାରେ ରହୁଥିବା ଲୋକମାନେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ମାଟି ତଳୁ ବାହାର କରିବାକୁ ଚେଷ୍ଟା କରିଥିଲେ।

■ ଉତ୍ତରାଖଣ୍ଡରେ ବର୍ଷା ନେଲା ୭ ଜୀବନ

ଡେରାଡୁନ୍,୧୧|୭/ଏଜେନ୍ସି: ଉତ୍ତରାଖଣ୍ଡରେ ମୌସୁମୀ ଛୁଇଁବା ମାତ୍ରେ ପ୍ରବଳ ବର୍ଷା ଜାରି ରହିଛି। ବର୍ଷା ଯୋଗୁ ରାଜଧାନୀ ଡେରାଡୁନ୍‌ରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁ ସୁରକ୍ଷା ଦୃଷ୍ଟିରୁ ଆଜି ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଛି। ବିଭିନ୍ନ ସ୍ଥାନରେ ବର୍ଷା ପାଣିରେ ଏକାଧିକ ବ୍ରିଜ୍ ଧୋଇ ଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଡେରାଡୁନ୍‌ର ସୀମାଦ୍ୱାରଠାରେ କାନ୍ଥ ଭୁଶୁଡ଼ିବା ଯୋଗୁ ୪ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦାଲନୱାଲା, ସାହସପୁର ଓ ବାଲ୍ଲିୱାଲାଠାରେ ବର୍ଷା ପାଣିରେ ଭାସି ଯାଇ ୩ ଜଣଙ୍କ ମୃତ୍ୟୁ ହୋଇଛି।

■ ପଞ୍ଜାବ ସମାବେଶରେ ଗର୍ଜିଲେ ମୋଦି

ମୁକ୍ତସର,୧୧|୭/ଏଜେନ୍ସି: ପଞ୍ଜାବର ମାଲଆଉଟ୍‌ଠାରେ ଆୟୋଜିତ କିଷାନ କଲ୍ୟାଣ ରାଲିରେ ଆଜି ବିଜେପିର ପୋଷ୍ଟର ବୟ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ଜୋରଦାର ହମ୍‌ଲା କରିଛନ୍ତି। ଚାଷୀଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଶ୍ରୀ ମୋଦି ଆଜି କହିଛନ୍ତି ଦୀର୍ଘ ୭୦ ବର୍ଷ ହେଲା ଗୋଟିଏ ଦଳ ଉପରେ ଦେଶର ଚାଷୀମାନେ ଭରସା କରି ବାରମ୍ବାର ଭୋଟ୍ ଦେଇ ଚାଲିଥିଲେ। କିନ୍ତୁ ଉକ୍ତ ଦଳ କେବଳ ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ନିଜ ପରିବାର କଥା ଚିନ୍ତା କରି ଚାଲିଥିଲା ବୋଲି ମୋଦି କହିଛନ୍ତି। କଂଗ୍ରେସ ଚାଷୀଙ୍କୁ ସଶକ୍ତ ନକରି କେବଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଛି। ମୁଁ ଚାଷୀଙ୍କ ଆଗରେ ମୁଣ୍ଡ ନୁଆଁଉଛି। ସେମାନେ କଠିନ ପରିଶ୍ରମ କରି ଉତ୍ପାଦନ କରି ରେକର୍ଡ କରିଛନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧ ଘୋଷଣା ନକରିବା ପ୍ରସଙ୍ଗ: ୩୭୭ ଧାରା ଉଚ୍ଛେଦ ସଙ୍କେତ ଦେଲେ ଖଣ୍ଡପୀଠ

ସୁପ୍ରିମକୋର୍ଟଙ୍କ ଉପରେ ସବୁକିଛି ଛାଡ଼ିଦେଲା କେନ୍ଦ୍ର

ନୂଆଦିଲ୍ଲୀ,୧୧|୭/ଏଜେନ୍ସି: ସମଲିଙ୍ଗୀ ଯୌନ ସମ୍ପର୍କ ଅପରାଧ କି ନୁହେଁ, ତା'ର ସଂପୂର୍ଣ୍ଣ ନିଷ୍ପତ୍ତି ସୁପ୍ରିମକୋର୍ଟ ନେବେ। ଏଥିରେ କେନ୍ଦ୍ର ସରକାର କୌଣସି ପ୍ରକାରର ମତ ଦେଇପାରିବେ ନାହିଁ। ସୁପ୍ରିମକୋର୍ଟ ହିଁ ସମ୍ବିଧାନର ଧାରା ୩୭୭ ବୈଧ କି ନୁହେଁ, ସେ ସମ୍ପର୍କରେ ରୁଲିଂ ଦେବେ ବୋଲି ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଗତକାଲିଠାରୁ ସୁପ୍ରିମକୋର୍ଟରେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧଶ୍ରେଣୀଭୁକ୍ତ ନ କରିବା ପାଇଁ ଏକାଧିକ ଆବେଦନ ଉପରେ ଶୁଣାଣି ଆରମ୍ଭ ହୋଇଛି। ଶୁଣାଣିର ପ୍ରାରମ୍ଭରେ କୋର୍ଟ ସ୍ପଷ୍ଟ କରି ଦେଇଥିଲେ, ଭାରତୀୟ ପିଙ୍ଗଳ କୋଡ୍‌ର ୩୭୭ ଧାରାର ବୈଧତା ନେଇ ଉଠାଯାଇଥିବା ପ୍ରଶ୍ନ ଉପରେ କେବଳ ବିଚାର କରାଯିବ। ଏହି ଧାରା ଅନୁଯାୟୀ ଦୁଇ ଜଣ ପ୍ରାପ୍ତ ବୟସ୍କ ସମଲିଙ୍ଗୀଙ୍କ ମଧ୍ୟରେ ସହମତିରେ ଯୌନ ସମ୍ପର୍କକୁ ଅପରାଧ ଶ୍ରେଣୀଭୁକ୍ତ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ନିକଟରେ ଆଜି କେନ୍ଦ୍ର ସରକାର ପକ୍ଷରୁ ଅତିରିକ୍ତ ସଲିସିଟର୍ ତୁଷାର ମେହେଟ୍ଟା ୩ ପୃଷ୍ଠା ସମ୍ବଳିତ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ କେନ୍ଦ୍ର ସରକାର କହିଛନ୍ତି ଯଦି କୋର୍ଟ ଧାରା ୩୭୭କୁ ଅବୈଧ ବୋଲି କୁହନ୍ତି, ତା'ହେଲେ ଆମର ଏଥିରେ କିଛି କହିବାର ନାହିଁ। ଏହା ବ୍ୟତୀତ ଯଦି କୋର୍ଟ ଧାରା ୩୭୭କୁ ବୈଧତା ବାଦ୍ ଆଉ କିଛି ପ୍ରଶ୍ନ ସମ୍ପର୍କରେ ତର୍ଜମା କରନ୍ତି, ତା'ହେଲେ ବି କିଛି ଆପତ୍ତି ନାହିଁ। କେନ୍ଦ୍ର ସରକାର ସମଲିଙ୍ଗୀ ବିବାହ, ସମ୍ପତ୍ତି ଏବଂ ପୈତୃକ ଅଧିକାର ଭଳି ପ୍ରସଙ୍ଗ ଉପରେ ଶୁଣାଣି ନ କରିବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। କାରଣ ଏହାଦ୍ୱାରା କିଛି ପ୍ରତିକୂଳ ପରିସ୍ଥିତି ଉପୁଜିପାରେ। କେନ୍ଦ୍ର ସରକାରଙ୍କ ଏଭଳି ସତ୍ୟପାଠ ପରେ ଧାରା ୩୭୭କୁ ଅବୈଧ କରାଯିବା ସମ୍ପର୍କରେ ସୁପ୍ରିମକୋର୍ଟ ସଙ୍କେତ ଦେଇଛନ୍ତି। ଜଷ୍ଟିସ୍ ମିଶ୍ର କହିଛନ୍ତି ଯଦି ଦୁଇ ଜଣ ପ୍ରାପ୍ତ ବୟସ୍କ ସହମତି ଭିତ୍ତିରେ ସମଲିଙ୍ଗୀ ସମ୍ପର୍କ ରଖୁଛନ୍ତି, ତା'ହେଲେ ଏହାକୁ ଅପରାଧ ବୋଲି ବିଚାର କରାଯାଇ ପାରିବ ନାହିଁ। ଏଥିସହ ଦୁଇ ଜଣ ସମଲିଙ୍ଗୀ ମୁମ୍ବାଇ ରାସ୍ତାରେ ଗଲାବେଳେ ତାଙ୍କୁ ୩୭୭ ଧାରାରେ ଗିରଫ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି। ଧାରା ୩୭୭କୁ ଅପରାଧ ତାଲିକାରୁ ବାଦ ଦିଆଯିବା ପରେ ଏଲଜିବିଟି ସଂପ୍ରଦାୟର ଲୋକମାନେ ନିର୍ବାଚନ ମଧ୍ୟ ଲଢ଼ିପାରିବେ ବୋଲି ସାମ୍ବିଧାନିକ ଖଣ୍ଡପୀଠ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ୨୦୧୩ରେ ସୁପ୍ରିମକୋର୍ଟ ସମଲିଙ୍ଗୀ ସମ୍ପର୍କ ଅପରାଧ ଶ୍ରେଣୀଭୁକ୍ତ ନୁହେଁ ବୋଲି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରୁଲିଂକୁ ରଦ୍ଦ କରିଦେଇ ଥିଲେ।

ଦାୟିତ୍ୱ ନିଅ, ନହେଲେ ତାଜମହଲକୁ ବନ୍ଦ କର

କେନ୍ଦ୍ରକୁ ଚରମବାଣୀ ଶୁଣାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧|୭/ଏଜେନ୍ସି: ବିଶ୍ୱର ସପ୍ତମ ଆଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ତାଜମହଲର ରକ୍ଷଣାବେକ୍ଷଣରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସୁପ୍ରିମକୋର୍ଟ ଭୀଷଣ କ୍ଷୁବ୍ଧ ହୋଇଛନ୍ତି। ତାଜମହଲ ସୁରକ୍ଷା ଏବେ ହୋପଲେସ୍ କଜ୍ ବା ନିରାଶାର କାରଣ ହୋଇଛି। ଜୁଲାଇ ୩୧ଠାରୁ ପ୍ରତିଦିନ ତାଜମହଲକୁ କେମିତି ପ୍ରଦୂଷଣରୁ ସୁରକ୍ଷିତ ରଖାଯାଇ ପାରିବ, ସେ ସମ୍ପର୍କରେ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ରୁଲିଂ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଆପଣ ଏହାକୁ ବନ୍ଦ କରି ଦିଅନ୍ତୁ, ନହେଲେ ଭାଙ୍ଗି ଦିଅନ୍ତୁ ନଚେତ୍ ଏହାର ସୁରକ୍ଷା ଦାୟିତ୍ୱ ନିର୍ବାହ କରନ୍ତୁ। ତାଜ ହେଉଛି ଇଫେଲ ଟାୱାରଠାରୁ ମଧ୍ୟ ଅଧିକ ସୁନ୍ଦର। ତେଣୁ ଏହାର ସୁରକ୍ଷା କରାଯିବା ଉଚିତ ବୋଲି କୋର୍ଟ ରୁଲିଂ ଦେଇଛନ୍ତି। ତାଜମହଲ ସୁରକ୍ଷା ସମ୍ପର୍କରେ ଆଗତ ହୋଇଥିବା ଏକ ପିଟିସନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମଦନ ବି ଲୋକୁର ଓ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଉତ୍ତରପ୍ରଦେଶ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଖଣ୍ଡପୀଠ କହିଛନ୍ତି ୮୦ ମିଲିୟନ ଲୋକ ଇଫେଲ ଟାୱାର ଦେଖିବାକୁ ଯାଉଛନ୍ତି, ଯାହା ଏକ ଟିଭି ଟାୱାର ଭଳି ଦୃଶ୍ୟମାନ ହେଉଛି। ଆମ ତାଜମହଲ ଉକ୍ତ ଟାୱାରଠାରୁ ଅଧିକ ସୁନ୍ଦର। ଯଦି ଆପଣମାନେ ତାଜମହଲର ଦାୟିତ୍ୱ ନିର୍ବାହ କରିବେ, ତା'ହେଲେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ନିଜର ଅନାଗ୍ରହ ପାଇଁ କ'ଣ ଆପଣମାନେ ଦେଶର କ୍ଷତି କରିବାକୁ ଚାହୁଁଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ତାଜମହଲ ଚତୁଃପାର୍ଶ୍ୱର ପରିବେଶ କାହିଁକି ପ୍ରଦୂଷଣ ହେଉଛି, ତା' ଉପରେ ନଜର ରଖିବାକୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ପ୍ରଦୂଷଣର କାରଣ ଖୋଜିବା ସହ ଏହାକୁ କେମିତି ରୋକାଯାଇ ପାରିବ, ତା'ର ବ୍ୟବସ୍ଥା କରିବ। ଉତ୍ତର ପ୍ରଦେଶ ସରକାର ତାଜମହଲର ସୁରକ୍ଷା ପାଇଁ କୌଣସି ନିର୍ଦ୍ଦେଶାବଳୀ ପ୍ରଣୟନ କରି ନଥିବାରୁ ଖଣ୍ଡପୀଠ ଯୋଗୀ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠ ତାଜମହଲ ସୁରକ୍ଷା ସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରକାଶ କରିବାକୁ କହିଛନ୍ତି। କେନ୍ଦ୍ର ସରକାର ତାଜମହଲ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି ବୋଲି ଖଣ୍ଡପୀଠ ହୃଦୟଙ୍ଗମ କରିଛନ୍ତି।

ଥାଇ ଗୁମ୍ଫାରୁ ୧୩ ଜଣ ଉଦ୍ଧାର ହେବା ଘଟଣା: ସମ୍ନାକୁ ଆସିଲା ଚିକିତ୍ସା ବେଳର ଭିଡିଓ

ସମସ୍ତଙ୍କ ଓଜନ ଦୁଇ କେଜି ହ୍ରାସ ପାଇଛି

ବ୍ୟାଙ୍କକ୍,୧୧|୭/ଏଜେନ୍ସି: ଥାଇଲ୍ୟାଣ୍ଡର ଥାମ୍ ଲୁଆଙ୍ଗର କାଳ ଗୁମ୍ଫାରୁ ଦୀର୍ଘ ୧୮ ଦିନ ପରେ ଉଦ୍ଧାର ହୋଇଥିବା ୧୨ ଜଣ କିଶୋର ଫୁଟବଲ ଖେଳାଳି ଓ ତାଙ୍କ ୨୫ ବର୍ଷୀୟ କୋଚ୍ ଏବେ ହସ୍ପିଟାଲ୍‌ରେ ରହିଛନ୍ତି। ତେବେ ସେମାନେ ଦୀର୍ଘଦିନ ଧରି ଗୁମ୍ଫା ମଧ୍ୟରେ ରହିଥିବାରୁ ସମସ୍ତଙ୍କର ଓଜନ ପ୍ରାୟ ୨ କିଲୋଗ୍ରାମ ହ୍ରାସ ପାଇଛି ବୋଲି ଥାଇଲ୍ୟାଣ୍ଡ ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଏଭଳି ଓଜନ ହ୍ରାସ ସେମାନଙ୍କ ଜୀବନ ପ୍ରତି କୌଣସି ବିପଦ ସୃଷ୍ଟି କରିବ ନାହିଁ। କିନ୍ତୁ ସେମାନଙ୍କ ଫୁସଫୁସ୍ ସଂକ୍ରମଣ ହେବାର ଆଶଙ୍କା ରହିଥିବା ମେଡିକାଲ ଟିମ୍ କହିଛି। ମେଡିକାଲ ଟିମ୍‌ର ଜଣେ ଡାକ୍ତର କହିଛନ୍ତି, ଉଦ୍ଧାର ହୋଇଥିବା ଅଧିକାଂଶ ଖେଳାଳି ଏବେ ନିମୋନିଆରେ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ କାହାର ଅବସ୍ଥା ଗୁରୁତର ନାହିଁ। ଏବେ ସେମାନଙ୍କୁ ଚିଆଙ୍ଗ ରାଇ ହସ୍ପିଟାଲ୍‌ରେ ଅତ୍ୟନ୍ତ ଯତ୍ନର ସହ ଚିକିତ୍ସା ଯୋଗାଇ ଦିଆଯାଉଛି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତ ହୋଇଛନ୍ତି ବୋଲି ଡାକ୍ତର ଜଣଙ୍କ କହିଛନ୍ତି। ଜୁନ୍ ୨୩ରୁ ଗୁମ୍ଫା ମଧ୍ୟରେ ଫସି ରହିଥିବା ୱାଇଲଡ୍ ବୋରସ୍ ଫୁଟ୍‌ବଲ ଟିମ୍‌ର ୧୨ ଜଣ ସଦସ୍ୟ ଓ କୋଚ୍‌ଙ୍କୁ ଉଦ୍ଧାର ପାଇଁ ସମଗ୍ର ବିଶ୍ୱ ଏକାଠି ହୋଇଥିଲା। ରବିବାର ଏମାନଙ୍କ ମଧ୍ୟରୁ ୪ ଜଣ, ସୋମବାର ୪ ଜଣ ଓ ମଙ୍ଗଳବାର ୫ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସମସ୍ତଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଥିଲା। ସେମାନେ ଗୁମ୍ଫା ମଧ୍ୟରେ ଥଣ୍ଡା ଓ ପାଣି ମଧ୍ୟରେ ରହିଥିବାରୁ ନିମୋନିଆ ଏବଂ ଅନ୍ୟାନ୍ୟ ସଂକ୍ରମଣର ଶିକାର ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ପ୍ରଥମଦିନ ଉଦ୍ଧାର ହୋଇଥିବା ୪ ଜଣ ପିଲାଙ୍କ ବାପାମା'ଙ୍କୁ ଆଜି ସେମାନଙ୍କୁ ଭେଟିବାକୁ ଅନୁମତି ଦିଆଯାଇଛି। ପିଲାଙ୍କୁ ଭେଟିବା ପୂର୍ବରୁ ଯେପରି କୌଣସି ସଂକ୍ରମଣ ନ ହେବ, ସେଥିପାଇଁ ପ୍ରତିରୋଧକାରୀ ଟୀକା ଦିଆଯାଇଥିଲା। ୱାଇଲଡ୍ ବୋରସ୍ ପକ୍ଷରୁ ପିଲାମାନଙ୍କୁ ଭିଟାମିନ୍ ପାଇଁ ଭାତ ଓ ଚିକେନ୍ ଯୋଗାଇ ଦିଆଯାଇଥିଲା। ଏବେ ଖେଳାଳି ଏବଂ ସେମାନଙ୍କ କୋଚ୍ ୭ ଦିନ ପାଇଁ ହସ୍ପିଟାଲ୍‌ରେ ରହିବେ ବୋଲି ଜଣାପଡ଼ିଛି। ଏବେ ପ୍ରଥମଥର ପାଇଁ ଏହି ଖେଳାଳିମାନେ ଚିକିତ୍ସିତ ହେଉଥିବା ବେଳର ଫଟୋ ଓ ଭିଡିଓ ବାହାରକୁ ଆସିଛି। ଯେଉଁଥିରେ ପିଲାମାନେ ବେଶ ଖୁସି ଥିବା ଭଳି ଦୃଶ୍ୟମାନ ହେଉଛି।

ପେଶାୱାର: ଆତ୍ମଘାତୀ ହମ୍‌ଲାରେ ୨୦ ମୃତ

ପେଶାୱାର,୧୧|୭/ଏଜେନ୍ସି: ପାକିସ୍ତାନ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଆଜି ଏହାକୁ ଟାର୍ଗେଟ କରି ଆତଙ୍କବାଦୀମାନେ ବଡ଼ଧରଣ ହମ୍‌ଲା କରିଛନ୍ତି। ଏଥିରେ ପାକିସ୍ତାନର ଆୱାମୀ ନ୍ୟାଶନାଲ ପାର୍ଟି(ଏଏନ୍‌ପି) ନେତା ବାରିଷ୍ଟର ହାରୋନ୍ ବିଲୋଉରଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୨ ଜଣ ଆହତ ହୋଇଛନ୍ତି। ଏବେ ବି ଅଧିକାଂଶ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଇଛି। ଘଟଣା ପାଇଁ ଆତଙ୍କବାଦୀ ସଂଗଠନ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି। ପ୍ରତିଶୋଧ ପାଇଁ ଏଭଳି ଆତ୍ମଘାତୀ ହମଲା କରାଯାଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଗତକାଲି ବିଳମ୍ବିତ ରାତିରେ ଏଏନ୍‌ପି ନେତା ବାରିଷ୍ଟର ହାରୋନ୍ ବିଲୋଉର ୟାକୁତୁତ ଏଠାରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେବାର ଥିଲା। ସେ ସଭାସ୍ଥଳରେ ପହଞ୍ଚିବା କ୍ଷଣି ସେଠାରେ ପୂର୍ବରୁ ଲୁଚି ରହିଥିବା ଜଣେ ଆତଙ୍କବାଦୀ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୧୨ ଜଣଙ୍କର ଓ ଚିକିତ୍ସାଧୀନ ଅବସ୍ଥାରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ସୁରକ୍ଷାକର୍ମୀଙ୍କ ପକ୍ଷରୁ କୁହାଯାଇଛି। ହାରୋନ୍ ପେଶାୱାରର ପିକେ-୭୮ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ।

ଘଟଣା ପରେ ପାକିସ୍ତାନ ନିର୍ବାଚନ କମିଶନର ପିକେ-୭୮ରେ ନିର୍ବାଚନ ସ୍ଥଗିତ ରଖିଛନ୍ତି। ଏହି ହମ୍‌ଲା ପାଇଁ ଟିଟିପି ନିଜକୁ ଦାୟୀ କରି କହିଛି ଯେ ସଂଗଠନର ମୁଜାହିଦ ଅବଦୁଲ କରିମ୍ ଏଭଳି ଆତ୍ମଘାତୀ ବିସ୍ଫୋରଣ କରିଥିଲେ। ଏଏନ୍‌ପି ଗତଥର ଏଠାରେ ନିର୍ବାଚନ ଜିତି କିଛି କରି ନଥିବାରୁ ଏହାର ପ୍ରତିଶୋଧ ନେବାକୁ ଏଭଳି ଆକ୍ରମଣ କରାଯାଇଛି ବୋଲି ସଂଗଠନର ମୁଖପାତ୍ର କହିଛନ୍ତି।

ଗୁଜରାଟ ନିକଟରେ ପାକ୍ ବେସ୍

ଲାହୋର,୧୧|୭/ଏଜେନ୍ସି: ଭାରତକୁ ଚେକ୍ ଦେବା ପାଇଁ ଏବେ ଗୁଜରାଟ ସୀମାନ୍ତରେ ପାକିସ୍ତାନ ଏୟାର ବେସ୍ ନିର୍ମାଣ କରୁଛି। ସୀମାନ୍ତ ସେପଟ ସିନ୍ଧ ପ୍ରଦେଶର ଭୋଲାରିଠାରେ ଏହା ଆରମ୍ଭ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଅତ୍ୟାଧୁନିକ ଶୈଳୀରେ ନିର୍ମାଣ ହୋଇଥିବା ଏହି ଏୟାର ବେସ୍ ପାକିସ୍ତାନ ଚୀନ୍‌ରୁ ଆଣିଥିବା ଜେଏଫ୍-୧୭ ଯୁଦ୍ଧ ବିମାନ ମୁତୟନ କରିବ। ଭାରତୀୟ ବାୟୁ ସେନାକୁ ମାତ ଦେବା ପାଇଁ ପାକିସ୍ତାନ ଏହି ଯୁଦ୍ଧ ବିମାନକୁ ଏଠାରେ ମୁତୟନ କରୁଛି ବୋଲି ଜଣାପଡ଼ିଛି। ଏଠାରେ ପାକିସ୍ତାନ ନୌସେନା ନିଜ ବେସ୍‌ରେ ଲସ୍କର-ଇ-ତାଏବା ଆତଙ୍କବାଦୀଙ୍କୁ ଟ୍ରେନିଂ ଦେବାର ଖବର ରହିଛି। ସମୁଦ୍ର ପଥରେ କିପରି ଭାରତ ଉପରେ ଆକ୍ରମଣ କରାଯାଇ ପାରିବ, ସେନେଇ ଏମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଏ। ପୂର୍ବରୁ ଭାରତ ସରକାର ଗୁଜରାଟର ଦେଶଠାରେ ପାକିସ୍ତାନକୁ ମୁକାବିଲା କରିବାକୁ ଏୟାର ବେସ୍ ନିର୍ମାଣ କରିବେ ବୋଲି ଘୋଷଣା କରି ସାରିଛନ୍ତି। ଏବେ ପାକିସ୍ତାନ ସେନାର ଏଭଳି ହରକତ୍ ନୂଆ ବିବାଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପାକ୍‌ରେ ଶିଖ ପୁଲିସ୍‌କୁ ନିର୍ଯାତନା

ଲାହୋର,୧୧|୭/ଏଜେନ୍ସି: ପାକିସ୍ତାନର ପ୍ରଥମ ଶିଖ୍ ପୁଲିସ୍ ଅଧିକାରୀ ଗୁଲାବ ସିଂହଙ୍କୁ କିଛି ଲୋକ ମାଡ଼ ମାରିବା ସହ ନିର୍ଯାତନା ଦେଇଛନ୍ତି। ଗୁଲାବ ଓ ତାଙ୍କ ପରିବାର ବର୍ଗଙ୍କୁ ଏଭଳି ଆକ୍ରମଣ କରାଯାଇଛି। ଏପରି କି ଆକ୍ରମଣକାରୀ ଗୁଲାବ ପାରମ୍ପରିକ ଭାବେ ପିନ୍ଧିଥିବା ଶିଖ୍ ପଗଡ଼ିକୁ ମଧ୍ୟ ଖୋଲି ଦେଇ ଚୁଟି ଘୋଷାରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗୁଲାବ ସିଂହ ଏକ ଭିଡିଓ ଜାରି କରିବା ସହ ତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସମଗ୍ର ଶିଖ ?ସମାଜକୁ ଜଣାଇଛନ୍ତି। ସେ କହିଛନ୍ତି ପାକିସ୍ତାନ ସରକାର ଦେଶରୁ ଶିଖ୍ ସଂପ୍ରଦାୟର ଲୋକଙ୍କୁ ବାହାର କରିଦେବାକୁ ଚାହୁଁଛନ୍ତି। ୧୯୪୭ ଠାରୁ ମୋ ପରିବାର ପାକିସ୍ତାନରେ ରହୁଛନ୍ତି। ଦଙ୍ଗା ପରେ ମଧ୍ୟ ଆମେ ପାକିସ୍ତାନ ଛାଡ଼ି ନଥିଲୁ। ଏବେ ଆମକୁ ବାହାର କରିବାକୁ ଉଦ୍ୟମ ହେଉଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଧର୍ମକୁ ନେଇ ଏବେ ରାଜନୀତି ହେଉଛି। ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡର ଅଧିକାରୀମାନେ ଆମ ଘରକୁ ପୂରା ସିଲ୍ କରି ଦେଇଛନ୍ତି। ଏପରି କି ମୋ ପଗଡ଼ିକୁ ଖୋଲି ଚୁଟି ଘୋଷାରି ମାଡ଼ ମାରିଛନ୍ତି। ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି ସହ ଏହି ବୋର୍ଡ ଚୁକ୍ତି କରିବା ସହ ଶିଖ ସଂପ୍ରଦାୟର ଲୋକଙ୍କ ସହ ଅନ୍ୟାୟ ହେବ ନାହିଁ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲା। କିନ୍ତୁ ଏବେ ଏହି ବୋର୍ଡ ଆମକୁ ବାହାର କରିବାକୁ ଚାହୁଁଛି। ଗୁରୁଦ୍ୱାର ନାଁରେ ଏହି ବୋର୍ଡ କୋଟି କୋଟି ଟଙ୍କା ସଂଗ୍ରହ କରିଛି। କିନ୍ତୁ ଶିଖ୍ ସଂପ୍ରଦାୟର ବିକାଶ ପାଇଁ ଏମାନେ କିଛି ବି ଖର୍ଚ୍ଚ କରୁନାହାନ୍ତି। ମୁଁ ଏବେ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବି। ଏହି ଘଟଣା ପଛରେ ଶିଖ୍ ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସଭାପତି ତାରା ସିଂହଙ୍କ ହାତ ରହିଛି ବୋଲି ସେ କହିଛନ୍ତି।

ଦିଲ୍ଲୀରେ ଆକ୍ରମଣ ପାଇଁ ଆଇଏସ୍ କରିଥିଲା ମସୁଧା

ୱାଶିଂଟନ,୧୧|୭/ଏଜେନ୍ସି: କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସ୍ ଭାରତର ରାଜଧାନୀ ଦିଲ୍ଲୀରେ ଭୟଙ୍କର ଆକ୍ରମଣ ପାଇଁ ମସୁଧା କରିଥିଲା। ତେବେ ଆମେରିକା, ଆଫ୍‌ଗାନିସ୍ତାନ, ୟୁଏଇ ଏବଂ ଭାରତର ଗୁଇନ୍ଦା ଅଧିକାରୀମାନେ ଏ ଆକ୍ରମଣକୁ ଭଣ୍ଡୁର କରି ଦେଇଥିଲେ। ଆଜି ଏଭଳି କିଛି ଚାଞ୍ଚଲ୍ୟକର ତଥ୍ୟର ପର୍ଦ୍ଦାଫାସ ହୋଇଛି। ଦି ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ଖବର ଅନୁଯାୟୀ ଆତ୍ମଘାତୀ ହମ୍‌ଲା ପାଇଁ ଦିଲ୍ଲୀରେ ଛଦ୍ମବେଶରେ ଲୁଚି ରହିଥିବା ଜଣେ ଆଫ୍‌ଗାନିସ୍ତାନ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ଜଣେ ଭାରତୀୟ ଗୁଇନ୍ଦା ଅଧିକାରୀ ଏହି ଆତଙ୍କବାଦୀକୁ ଦିଲ୍ଲୀରେ ରହିବା ପାଇଁ ବ୍ୟବସ୍ଥା କରିଥିବା ବେଳେ ତାକୁ ବିଭିନ୍ନ ପ୍ରକାରର ବିସ୍ଫୋରକ ଯୋଗାଇ ଦେଇଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ ଅର୍ଥାତ ୨୦୧୭ ମସିହା ସେପ୍ଟେମ୍ବର ମାସରେ ଅଭିଯୁକ୍ତ ଆତ୍ମଘାତୀ ହମ୍‌ଲା ପାଇଁ ପ୍ରସ୍ତୁତ ହେଉଥିବା ଆତଙ୍କବାଦୀକୁ ଗିରଫ କରାଯାଇଥିଲା। ଆତ୍ମଘାତୀ ଆତଙ୍କବାଦୀ ସମ୍ପର୍କରେ କିଛି ବିସ୍ତୃତ ତଥ୍ୟ ମିଳି ନଥିଲେ ହେଁ ସେ ଆଫ୍‌ଗାନିସ୍ତାନର ଜଣେ ବ୍ୟବସାୟୀଙ୍କ ପୁଅ ଏବଂ ତା' ବୟସ ୨୦ ବୋଲି ଜଣାପଡ଼ିଛି। ସେ ଦିଲ୍ଲୀରେ ଛଦ୍ମବେଶରେ ଜଣେ ଇଞ୍ଜିନିୟରିଂ କଲେଜର ଛାତ୍ର ଭାବେ ରହୁଥିଲା। ଗିରଫ ପରେ ତାକୁ ତୁରନ୍ତ ଆଫଗାନିସ୍ତାନ ନିଆଯାଇଥିଲା। ଆଫ୍‌ଗାନିସ୍ତାରେ ଥିବା ଆମେରିକା ସେନା ବେସ୍ କ୍ୟାମ୍ପରେ ତାକୁ ରଖାଯାଇଥିଲା ବୋଲି ଖବର ପ୍ରକାଶ ପାଇଛି। ଭାରତରେ ଆକ୍ରମଣ ପାଇଁ ଆଇଏସ୍‌ର ଯେଉଁ ୧୨ ଜଣ ଆତଙ୍କୀଙ୍କୁ ପାକିସ୍ତାନ ତାଲିମ ଦେଇଥିଲା, ଏହି ଯୁବକ ଜଣଙ୍କ ସେମାନଙ୍କ ମଧ୍ୟରେ ଥିଲା।

ନାଟୋ ସମ୍ମିଳନୀରେ ଟ୍ରମ୍ପଙ୍କ ରଣହୁଙ୍କାର

ଜର୍ମାନୀ ଏବେ ରୁଷ କଥାରେ ନାଚୁଛି



ବ୍ରସେଲ୍ସ,୧୧|୬/ଏଜେନ୍ସି: ଆଜିଠାରୁ ବେଲଜିୟମର ବ୍ରସେଲ୍ସଠାରେ ଆରମ୍ଭ ହୋଇଥିବା ନାଟୋ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଜର୍ମାନୀ ଉପରେ ଜୋରଦାର ବର୍ଷିଛନ୍ତି। ଜର୍ମାନୀ ଏବେ ରୁଷର ବନ୍ଦୀ ହୋଇ ରହିଛି ଏବଂ ତାରି ଇସାରାରେ କାର୍ଯ୍ୟ କରୁଛି ବୋଲି ଟ୍ରମ୍ଫ୍ ଅଭିଯୋଗ କରିଛନ୍ତି। ଏଥିସହ ସେ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରତିରକ୍ଷା କ୍ଷେତ୍ରର ବଜେଟ୍ ବୃଦ୍ଧି କରିବାକୁ ପୁଣିଥରେ କହିଛନ୍ତି। ପୂର୍ବରୁ ୟୁରୋପ ଓ ଆମେରିକା ମଧ୍ୟରେ ଟ୍ରେଡ୍ ୱାର ଚାଲିଥିବା ବେଳେ ନାଟୋ ସମ୍ମିଳନୀ କେମିତି ଅନୁଷ୍ଠିତ ହେବ, ସେନେଇ ଆଶଙ୍କା ପ୍ରକାଶ ପାଇଥିଲା। ଟ୍ରମ୍ପ ବାରମ୍ବାର ନାଟୋ ସଦସ୍ୟଙ୍କୁ ପ୍ରତିରକ୍ଷା ବଜେଟ୍ ବାବଦରେ ଅଧିକ ଅର୍ଥ ବୃଦ୍ଧି କରିବାକୁ ଦାବି କରିଥିବାରୁ ଏହାକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ୟୁରୋପିଆନ୍ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଟ୍ରମ୍ପ୍‌ଙ୍କ ଏଭଳି ଦାବିକୁ ତୀବ୍ର ସମାଲୋଚନା କରିଥିଲେ। ତେବେ ଆଜି ଟ୍ରମ୍ପ ନାଟୋ ସମ୍ମିଳନୀରେ ଯୋଗଦେଇ କହିଛନ୍ତି ଜର୍ମାନୀ ନିଜ ଦେଶ ପାଇଁ ରୁଷଠାରୁ ଅଧିକ ପରିମାଣର ଶକ୍ତି ଆଣୁଥିବାରୁ, ତା'ର ବନ୍ଦୀ ହୋଇ ରହିଛି। ପ୍ରସ୍ତାବିତ ନୋରଡ ଷ୍ଟ୍ରିମ୍ ୨ ପାଇପ୍‌ଲାଇନ୍‌କୁ ନେଇ ଟ୍ରମ୍ପ ଏକଥା କହିଥିବା ଜଣାପଡ଼ିଛି। ଟ୍ରମ୍ପ ଆହୁରି କହିଛନ୍ତି, ବିଶ୍ୱର ସମସ୍ତେ ଏକଥା କହୁଛନ୍ତି ଯେ ଜର୍ମାନୀର ସୁରକ୍ଷା ପାଇଁ ଆମେ ବିଲିୟନସ୍ ଅଫ୍ ଡଲାର ଦେଉଛୁ। କିନ୍ତୁ ଜର୍ମାନୀ ଏହି ଅର୍ଥକୁ ରୁଷିଆକୁ ଦେଉଛି। ଏହା ପଛର କାରଣ କ'ଣ ବୋଲି ଟ୍ରମ୍ପ ପ୍ରଶ୍ନ କରିଛନ୍ତି। ଟ୍ରମ୍ପ କହିଛନ୍ତି ୟୁରୋପର ବୃହତ ବଜେଟ୍‌ର ମାତ୍ର ୧.୨୪% ଅର୍ଥ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି। କିନ୍ତୁ ଆମେରିକା ଏକାକୀ ୩.୫% ଅର୍ଥ ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରୁଛି। ନାଟୋ ଗାଇଡ୍‌ଲାଇନ୍ ଅନୁଯାୟୀ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨% ଅର୍ଥ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ଦରକାର। କିନ୍ତୁ ଏହାକୁ କେହି ପାଳନ କରୁନାହାନ୍ତି। ଆମେ ଦୀର୍ଘ ଦଶନ୍ଧି ଧରି ଜର୍ମାନୀ ଓ ଫ୍ରାନ୍ସ ଭଳି ରାଷ୍ଟ୍ରକୁ ସୁରକ୍ଷା ଯୋଗାଇ ଆସୁଛୁ। କିନ୍ତୁ ଯଦି ଆଗକୁ ଏଭଳି ଚାଲେ, ତେବେ ଏହା ଗ୍ରହଣୀୟ ହେବନାହିଁ ବୋଲି ଟ୍ରମ୍ପ କହିଛନ୍ତି। ରୁଷିଆ ପକ୍ଷରୁ ନାଟୋ ରାଷ୍ଟ୍ରଗୁଡ଼ିକ ପ୍ରତି ବିପଦ ରହିଥିବାରୁ ଏହାର ଅଧିକାରୀ ଓ ଡିପ୍ଲୋମାଟସ୍‌ମାନେ ନାଟୋ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକତା ରହିଛି ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆଜି ଟ୍ରମ୍ପଙ୍କ ଜର୍ମାନୀକୁ ଏଭଳି ଆକ୍ଷେପ ସବୁକିଛି ବିଗାଡ଼ି ଦେଇଛି। ଉଲ୍ଲେଖଯୋଗ୍ୟ ସୋମବାର ଟ୍ରମ୍ପ ହେଲସିଙ୍କିଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଭେଟିବାକୁ ଥିବା ବେଳେ ଏଭଳି ମନ୍ତବ୍ୟ ନୂଆ ବିବାଦ ସୃଷ୍ଟି କରିଛି। ଗତ ବୁଧବାର ଟ୍ରମ୍ପ ନାଟୋ ସହଯୋଗୀମାନେ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ବୃଦ୍ଧି କରି ନାଟୋ ବାହିନୀ ପାଇଁ ଦେଉଥିବା ଭାଗ ବଢ଼ାନ୍ତୁ ବୋଲି କହିଥିଲେ। ଯଦି ଏପରି ବ୍ୟୟ ବୃଦ୍ଧି ନ ହୁଏ, ତା'ହେଲେ ଆମେରିକା ପକ୍ଷରୁ ୟୁରୋପରେ ନାଟୋ ବାହିନୀର ଉପସ୍ଥିତିକୁ ହ୍ରାସ କରାଯିବ। ଟ୍ରମ୍ପ୍ ଏ ସଂକ୍ରାନ୍ତରେ ସହଯୋଗୀ ନରୱେ, ଜର୍ମାନୀ, ବେଲଜିୟମ ଓ କାନାଡାକୁ ଚିଠି ଲେଖିଥିଲେ। ୱେଲ୍‌ସଠାରେ ୨୦୧୪ରେ ନାଟୋ ଶୀର୍ଷ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରମାନେ ସେମାନଙ୍କ ଜିଡିପିର ୨% ପ୍ରତିରକ୍ଷା ବାବଦରେ ବ୍ୟୟ କରିବାକୁ ସମ୍ମତ ହୋଇଥିଲେ। କିନ୍ତୁ କେତେକ ନାଟୋ ସଦସ୍ୟ ରାଷ୍ଟ୍ର ପ୍ରତିରକ୍ଷାରେ ଜିଡିପିର ୨% ଖର୍ଚ୍ଚ କରୁ ନଥିବାରୁ ଟ୍ରମ୍ପ୍ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।